**କୃଷି ସୂଚନା (ଧାନ)**

**ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**୨୦୨୦ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା:**

କୋଭିଡ୍ – ୧୯ର ଗାଇଡ୍ ଲାଇନ୍ ଅନୁସରଣ କରି ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ ।

**ବୁଣାଧାନ:**

- ❖ ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଅଞ୍ଚଳରେ ଯେଉଁଠାରେ ଘାଷମରା ଔଷଧ ପ୍ରୟୋଗ କରାଯାଇନଥିବ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୧୮ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।
- ❖ ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ । ଏହାପରେ ପିଲସାର ହିସାବରେ ଏକ ତୃତୀୟାଶଂ ଯବକ୍ଷାରଯାନ ସାର (୧୪ କି.ଗ୍ରା. ୟୁରିଆ ପ୍ରତି ଏକର) ପ୍ରୟୋଗ କରନ୍ତୁ ।

**ରୁଆଧାନ:**

- ❖ ଯଦି ତଳିଘରାରେ  ବକାନେ ରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୧୨% ସହିତ ମାନକୋଜେବ୍ ୫୩% ଡବ୍ଲୁ.ପି. (ସାଫ୍, ରିପର, ସିକ୍ସର କିମ୍ବା କମ୍ପାନିଅନ୍ ଇତ୍ୟାଦି) ଏକ ଲିଟର ପାଣିରେ ୨.୫ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ।ରୋଗ ହୋଇଥିବା ତଳିକୁ ମୂଳରୁ ଉପାଡି ଦିଅନ୍ତୁ ।

❖ ତଳିଘରାରେ ମହିଷା ରୋଗ ଏବଂ ପତ୍ରଚିତା ରୋଗର ଲକ୍ଷଣ ଦେଖାଦେଲେ ଏକର ପ୍ରତି ମାନକୋଜେବ୍ ଡବ୍ଲ୍ୟୁ.ପି. ୨.୫ ଗ୍ରାମ୍ କିମ୍ବା ମାନକୋଜେବ୍ ୬୩% ସହିତ କାବାଣ୍ଡାଜିମ୍ ୧୨% ୨.୫ ଗ୍ରାମ କୁ ଏକ ଲିଟର ପାଣି ହିସାବରେ ମିଶାଇସିଞ୍ଚନ କରନ୍ତୁ ।ମହିଷା ରୋଗ ପାଦୁର୍ଭାବ ଥିବା ଅଞ୍ଚଳରେ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ୦.୬ ଗ୍ରାମ୍କୁ ଏକ ଲିଟର ପାଣି ହିସାବରେ ମିଶାଇ ତଳି ଘେରାରେ ସିଞ୍ଚନ କରନ୍ତୁ ।

❖ ଯଦି ତଳିଘରାରେ ଉଙ୍କୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି NSKE (ଆକାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ ପ୍ରୟୋଗ କରନ୍ତୁ ।

❖ ଯଦି ପତ୍ରଚିତା ରୋଗ ଏବଂ ମହିଷା ରୋଗ ଦେଖାଯାଏ ତେବେ କାର୍ବେଣ୍ଡାଜିମ୍ ୧୨% ସହିତ ମାନକୋଜେବ୍ ୫୩% ଏକ ଲିଟର ପାଣିରେ ୨.୫ ଗ୍ରାମ ମିଶାଇ ସିଞ୍ଚନ କରିପାରିବେ । ଯେଉଁଠି ମାହିଷା ରୋଗ ପାଦୁର୍ଭାବ ଅଧିକ ଥାଏ ସେ ତଳିଘରାରେ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି. (ନୋଟିଭୋ) ୦.୪ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ । କିମ୍ବା ଇଡିଫେନ୍‌ଫାସ୍ ୫୦ଇ.ସି. (ହିନୋସାନ୍) ଏକ ଲିଟର ପାଣିରେ ଏକ ମି.ଲି.ମିଶାଇ ସିଞ୍ଚନ କରନ୍ତୁ ।

❖ ଯଦି ତଳିଘେରାରେ ତଳିପୋଡା ରୋଗ ଦେଖାଯାଏ ତେବେ ଏକ ଲିଟର ପାଣିରେ କାର୍ବାଣ୍ଡାଜିମ୍ ୨ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ (ଟିଲ୍ଟ୍) ୧ ମି.ଲି. ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

❖ ଚାଷୀ ଭାଇମାନେ ଯଦି ଧାନ ରୁଆ ସାରି ନ ଥିବେ ତେବେ ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷ ସୁଦ୍ଧା ରୁଆ କାମ ସଂମ୍ପୁର୍ଣ୍ଣ କରିଦେବା ଦରକାର ।

❖ ଅଧିକ ଅମଳକ୍ଷମ କିସମରେ ୪ କି.ଗ୍ରା. ୟୁରିଆ, ୪୪ କି.ଗ୍ରା. ଡି.ଏ.ପି. ଏବଂ ୩୩ କି.ଗ୍ରା. ଏମ୍.ଓ.ପି କିମ୍ବା ୨୨ କି.ଗ୍ରା. ୟୁରିଆ, ୧୨୫ କି.ଗ୍ରା. ଏସ୍.ଏସ୍.ପି. ଏବଂ ୩୩ କି.ଗ୍ରା.

ଏମ୍.ଓ.ପି. ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ୪ କି.ଗ୍ରା. ୟୁରିଆ, ୪୪ କି.ଗ୍ରା. ଡି.ଏ.ପି ଏବଂ ୧୬.୫ କି.ଗ୍ରା. ଏମ୍.ଓ.ପି କିମ୍ବା ୨୨ କି.ଗ୍ରା. ୟୁରିଆ,୧୨୫ କି.ଗ୍ରା. ଏସ୍.ଏସ୍.ପି., ଏବଂ ୧୬.୫ କି.ଗ୍ରା. ଏମ୍.ଓ.ପି. ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

- ❖ ସଙ୍କର ଜାତୀୟ ଧାନ କିସମ ପାଇଁ ୬ କି.ଗ୍ରା. ୟୁରିଆ, ୫୨ କି.ଗ୍ରା. ଡି.ଏ.ପି. ଏବଂ ୩୦ କି.ଗ୍ରା. ଏମ୍.ଓ.ପି. କିମ୍ବା ୨୬ କି.ଗ୍ରା. ୟୁରିଆ, ୧୫୦ କି.ଗ୍ରା. ଏସ୍.ଏସ୍.ପି. ଏବଂ ୩୦ କି.ଗ୍ରା. ଏମ୍.ଓ.ପି. ମୂଳସାର ଭାବେ ମାଟି କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ❖ ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ ଏକ ଏକର ପିଛା ଜିଙ୍କ୍ ସଲଫେଟ୍ ୧୦ କି.ଗ୍ରା. (ଦୁଇ ବର୍ଷକୁ ଥରେ) ଶେଷଓଢ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ❖ ଯେଉଁ ଜମିରେ ବୋର୍‌ନର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷଓଢ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ❖ ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେମି. ବ୍ୟବଧାନରେ ବୁଦା ପ୍ରତି ୨-୩ଟି ତଳି ରୁଅନ୍ତୁ । ସଙ୍କର ଜାତୀୟ ଧାନ ବୁଦା ପ୍ରତି ୧-୨ଟି ତଳି ରୁଅନ୍ତୁ ।
- ❖ ଯେଉଁ ଜମିରେ ମାଟିଆ ଗୁଣ୍ଡି ପୋକର ପାଦୁର୍ଭାବ ଅଧିକ ଥାଏ, ସେଠାରେ ୮-୧୦ ଧାଡି ଧାନ ରୋଇବା ପରେ ୩୦ ସେ.ମି. ବ୍ୟବଧାନ ଛାଡି ପୁଣି ରୁଅନ୍ତୁ ।
- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ ।ଯେତେବେଳେ ପୁରୁଷ ପ୍ରଜାତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪-୫ଟି ହୋଇଯିବ ସେତେବେଳେ ଏକର ପିଛା କ୍ଲୋରାନ୍‌ଟ୍ରନିଲିପ୍ରୋଲ ୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ରୁଆଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫୁରନ୍ ମିଥାଇଲ୍+ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାୱାର କିମ୍ବା ଇରେଜ୍ ଷ୍ଟ୍ରୋଙ୍ଗ୍ ନାମରେ ବଜାରରେ ଉପଲବ୍ଧ) ଏକର

ପିଛା୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍ପାରିବାକ୍ ସୋଡିୟମ ୧୦ ଏସ୍.ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ଏକର ପିଛା ପେନୋସ୍କୁଲାମ୍ ସହିତ ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟା) ୯୦୦ ମି.ଲି ତଳିରୁଆର ୧୫-୨୦ ଦିନ ପରେ ସିଞ୍ଚନ କରନ୍ତୁ ।

- ଯେଉଁ ଜାଗାରେ ଶିଘ୍ର ତଳି ରୁଆ ସରିଥାଏ, ସେଠାରେ ଉଙ୍କୁଣିଆ ପୋକ ଏବଂ ହଳଦିଆ କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ତଥା ଆକାଡିରାକ୍ଟିନ୍ ୦.୧୫% ଏକ ଲିଟର ପ୍ରୟୋଗ କରନ୍ତୁ ।ଯଦି ନିୟନ୍ତ୍ରଣ ନ ହୁଏ ତେବେ ହଳଦିଆ କାଣ୍ଡବିନ୍ଧା ପୋକ ପାଇଁ ଏକର ପିଛା କ୍ଲୋରାନ୍ଟ୍ରନିଲିପ୍ରୋଲ୍ ୦.୪% ଜି.ଆର୍. ୪ କି.ଗ୍ରା.କିମ୍ବା କ୍ଲୋରାନ୍ଟ୍ରନିଲିପ୍ରୋଲ ୧୮.୫% ଏସ୍!.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଉଙ୍କୁଣିଆ ପୋକ ପାଇଁ ଏକର ପିଛା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ଯେଉଁ ଜମିରେ ଜଳ ଅଭାବ ଯୋଗୁ ମାଟି ଶୁଷ୍କ ହୋଇଯାଇଛି ଏବଂ ଜଳ ସେଚନ ହୋଇପାରୁନାହିଁ ସେ ଜାଗା ପାଇଁ କୃଷି ପରାମର୍ଶ:**

- ଯେଉଁ ଜମିରେ ମାଟିରେ ବତର ଅଛି ସେ ଜାଗାରେ ମୁଳସାର ପକାନ୍ତୁ ଯେଉଁଠି ମାଟି ଶୁଷ୍କ ଅଛି ସେଠାରେ ସାର ପକାନ୍ତୁ ନାହିଁ ।
- କମ୍ ଅବଧି କିମ୍ବା ସଅଳ ଧାନ କିସମରେ ୨୫-୩୦ ଦିନର ତଳି ବ୍ୟବହାର କରନ୍ତୁ । ଅଧିକ ଅବଧି କିମ୍ବା ଡେରିରେ ଅମଳ ଧାନ କିସମରେ ୪୫-୫୦ ଦିନର ତଳି ବ୍ୟବହାର କରି ପାରିବେ । କାଦୁଅ ଜମିରେ ୧୫x୧୫ ସେ.ମି. ବ୍ୟବଧାନରେ ବୁଦାପ୍ରତି ୪-୫ଟି ତଳି ଅଳ୍ପ ଗାତ କରି ସିଧା ଭାବେ ବୁଣନ୍ତୁ ।

❖ ଯେଉଁ ଜାଗାରେ ଅଧିକ ଦିନ ପର୍ଯ୍ୟନ୍ତ ଶୁଖା ରହେ ସେ ଜମିରେ ଅଧିକ ଜଳ ସେଚନ କରନ୍ତୁ ଯେପରିକି ଅଧିକ ପିଲ ବାହାରିବା ପର୍ଯ୍ୟନ୍ତ ଜମିରେ ପାଣି ରହିବ ।

❖ ଯେତେବେଳେ ମାଟିରେ ଆଦ୍ରତା ଥିବ ସେତେବେଳେ ଘାଷମରା ଔଷଧ ପ୍ରୟୋଗ କରିବେ ।

❖ ତଳିଘରାରେ ଖାଦ୍ୟସାର ଅଭାବ ଜନିତ ଲକ୍ଷଣ ତଥା (ପତ୍ର ହଳଦିଆ) କିମ୍ବା ପତ୍ର ଟିପ ଖଇରିଆ ପଡିଯାଏ ସେଠାରେ ୦.୫% ଜିଙ୍କ୍ ସଲଫେଟ୍ ସହିତ ୨.୫% ୟୁରିଆ ମିଶାଇ ସିଞ୍ଚନ କରନ୍ତୁ ।